# NATIONAL NEWS BULLETIN (ODIA)

**1 May - 2024**

**Mid Bulletin : 1.50 p.m.**

---

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରଥମ ଅଯୋଧ୍ୟା ଗସ୍ତ ଅବସରରେ ଆଜି ସନ୍ଧ୍ୟାରେ ରାମଲାଲାଙ୍କୁ କରିବେ ଦର୍ଶନ ।

- ରାଜସ୍ଥାନର ଆଜମେର୍ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନନ୍ଦ୍ସୀ ଗ୍ରାମ ବୁଥ୍‌ରେ ଆସନ୍ତାକାଲି ପୁନଃ ମତଦାନ ପାଇଁ ନିର୍ଦ୍ଦେଶ ଦେଲେ ମୁଖ୍ୟ ନିର୍ବାଚନ ଅଧିକାରୀ ।

- ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୨୮ଟି ବିଧାନସଭା ଆସନ ପାଇଁ ୨୪୩ ଜଣ ପ୍ରାର୍ଥୀଙ୍କର ନାମାଙ୍କନପତ୍ର କାଏମ ।

- ସୁପରସୋନିକ୍ ମିସାଇଲ-ଆସିଷ୍ଟେଡ୍ ରିଲିଜ୍ ଅଫ୍ ଟର୍ପେଡୋ (ସ୍ମାର୍ଟ) ସିଷ୍ଟମର ଆଜି ହୋଇଛି ସଫଳ ପରୀକ୍ଷଣ ।

ଏବଂ

- ୧୯ ଟଙ୍କା ହ୍ରାସ ପାଇଲା ବ୍ୟବସାୟିକ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ।

## ପ୍ରେଜ୍-ଅଯୋଧ୍ୟା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସନ୍ଧ୍ୟାରେ ଅଯୋଧ୍ୟାସ୍ଥିତ ରାମଜନ୍ମଭୂମିଠାରେ ରାମଲାଲାଙ୍କ ଦର୍ଶନ କରିବେ। ନବନିର୍ମିତ ରାମମନ୍ଦିରରେ ରାମଲାଲଙ୍କର ପ୍ରାଣ ପ୍ରତିଷ୍ଠା ପରେ ଏହା ହେଉଛି ରାଷ୍ଟ୍ରପତିଙ୍କର ପ୍ରଥମ ଅଯୋଧ୍ୟଗସ୍ତ । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ସେଠାରେ ହନୁମାନ ଗାଦି ମନ୍ଦିର ପରିଦର୍ଶନ ସହ ସେଠାରେ ସରୋଜୁ ଆରତି କାର୍ଯ୍ୟକ୍ରମରେ ଯୋଗଦେବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସେଠାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ବରିଷ୍ଠ ପ୍ରଶାସନିକ ଓ ପୁଲିସ ଅଧିକାରୀ ଗତକାଲି ରାଷ୍ଟ୍ରପତି ଗସ୍ତ କରିବାକୁ ଥିବା ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହିତ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଟ୍ରାଫିକ ବ୍ୟବସ୍ଥାରେ ମଧ୍ୟ କେତେକ କଟକଣା ଜାରି କରାଯାଇଛି। ତେବେ ସାଧାରଣ ଜନତା ପୂର୍ବପରି ରାମଲାଲାଙ୍କ ଦର୍ଶନ କରିପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏକ ସ୍ୱତନ୍ତ୍ର ବିମାନ ଯୋଗେ ରାଷ୍ଟ୍ରପତି ଅପରାହ୍ଣ ୪ଟା ୩୦ ମିନିଟ୍ ସମୟରେ ଅଯୋଧ୍ୟାରେ ପହଁଞ୍ଚିବାର କାର୍ଯ୍ୟସୂଚୀ ରହିଛି।

## ଲୋକସଭା ପୋଲ୍- ଥାର୍ଡ ଫେଜ୍

ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଆସନ୍ତା ୭ ତାରିଖ ଦିନ ଅନୁଷ୍ଠିତ ହେବ। ୧୦ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ୯୩ଟି ଆସନ ପାଇଁ ଏହି ଦିନ ଭୋଟ୍‌ଗ୍ରହଣ କରାଯିବ। ପୂର୍ବରୁ ୯୪ଟି ଆସନ ପାଇଁ ମତଗ୍ରହଣ କରାଯିବାର ଘୋଷଣା କରାଯାଇଥିଲା। ତେବେ ସୁରତ ଲୋକସଭା ଆସନରୁ ବିଜେପି ପ୍ରାର୍ଥୀ ଅପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚିତ ହେବା

ସହ ମଧ୍ୟପ୍ରଦେଶର ବେତୁଲ ଲୋକସଭା ଆସନ ପାଇଁ ଭୋଟ୍‌ଗ୍ରହଣ ଦ୍ୱିତୀୟ ପର୍ଯ୍ୟାୟରୁ ତୃତୀୟ ପର୍ଯ୍ୟାୟକୁ ସ୍ଥାନାନ୍ତରିତ ହୋଇଛି । ସେହିଭଳି ଜାମ୍ମୁ-କାଶ୍ମୀରର ଅନନ୍ତନାଗ-ରାଜୌରୀ ଲୋକସଭା ଆସନ ପାଇଁ ମତଗ୍ରହଣ ପରିବର୍ତ୍ତିତ ହୋଇଛି। ଫଳରେ ଏହି ପର୍ଯ୍ୟାୟରେ ୯୪ଟି ବଦଳରେ ୯୩ଟି ଆସନରେ ଭୋଟ୍‌ଗ୍ରହଣ କରାଯିବ। ଗୁଜୁରାଟର ୨୫ଟି, କର୍ଣ୍ଣାଟକର ୧୪ଟି, ମହାରାଷ୍ଟ୍ରର ୧୧ଟି ଏବଂ ଉତ୍ତରପ୍ରଦେଶର ୧୦ଟି ଆସନ ପାଇଁ ଏହି ପର୍ଯ୍ୟାୟରେ ଭୋଟ୍‌ଗ୍ରହଣ କରାଯିବ। ଅନ୍ୟାନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ମଧ୍ୟପ୍ରଦେଶର ୯ଟି, ଛତିଶଗଡ଼ର ୭ଟି, ବିହାରର ୫ଟି, ଆସାମ ଏବଂ ପଶ୍ଚିମବଙ୍ଗର ୪ଟି ଲେଖାଏଁ ଆସନ ଏବଂ ଗୋଆ, ଦାଦର ଓ ନଗର ହାବେଲୀ ଏବଂ ଦାମନ ଓ ଡିଉ ଅଞ୍ଚଳର ଦୁଇଟି ଲେଖାଏଁ ଆସନରେ ମତଗ୍ରହଣ କରାଯିବ।  ଏହି ତୃତୀୟ ପର୍ଯ୍ୟାୟ ମତଗ୍ରହଣ ପରେ ୧୬ଟି ରାଜ୍ୟ ଏବଂ ୪ଟି କେନ୍ଦ୍ରଶାସିତ ଅଞ୍ଚଳରେ ଲୋକସଭା ନିର୍ବାଚନ ଶେଷ ହେବ। ଏହି ସ୍ଥାନଗୁଡ଼ିକ ମଧ୍ୟରେ ଉତ୍ତର-ପୂର୍ବାଞ୍ଚଳର ସମସ୍ତ ରାଜ୍ୟ ଏବଂ ଆଣ୍ଡାମାନ ଓ ନିକୋବାର ଆସନ, ପୁଡୁଚେରୀ, ଲାକ୍ଷାଦ୍ୱୀପ, ଦାଦର ଓ ନଗର ହାବେଲୀ ଏବଂ ଦାମନ ଓ ଡିଉ କେନ୍ଦ୍ରଶାସିତ ଅଞ୍ଚଳ ଅନ୍ତର୍ଭୁକ୍ତ।

## ରାଜସ୍ଥାନ ପ୍ରି-ଇଲେକସନ୍

ରାଜସ୍ଥାନର ଆଜମେର୍ ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନନ୍ଦ୍‌ସୀ ଗ୍ରାମ ବୁଥ୍‌ରେ ପୁନଃ ମତଦାନ ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀ  ପ୍ରବୀଣ ଗୁପ୍ତା କହିଛନ୍ତି, ଏହି ବୁଥ୍‌ରେ ଆସନ୍ତାକାଲି ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପୁନଃ

ମତଗ୍ରହଣ କରାଯିବ।  ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହେଇଛି ବୋଲି ସେ କହିଛନ୍ତି। ନନ୍ଦ୍ସୀ ଗ୍ରାମର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୯୫ ନମ୍ବର ପୁଲିଂ ବୁଥ୍ର ରୁମ୍ ନମ୍ବର-୧ ରେ ଏହି ମତଗ୍ରହଣ କରାଯିବ। ଗତ ୨୬ ତାରିଖରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସଂକ୍ରାନ୍ତ ରିପୋର୍ଟ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଶ୍ରୀ ଗୁପ୍ତା ସୂଚନା ଦେଇଛନ୍ତି।

# ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ-ଓଡ଼ିଶା

ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଏକକାଳୀନ ସାଧାରଣ ନିର୍ବାଚନରେ ୨୮ଟି ବିଧାନସଭା ଆସନ ପାଇଁ ୨୪୩ ଜଣ ପ୍ରାର୍ଥୀଙ୍କର ପ୍ରାର୍ଥୀପତ୍ର କାଏମ ରହିଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୫ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସ ଥିଲା। ତେବେ ପ୍ରାର୍ଥୀପତ୍ର ଯାଞ୍ଚ ପରେ ୨୫୬ ଜଣଙ୍କର ପ୍ରାର୍ଥୀପତ୍ର ବୈଧ ଘୋଷଣା କରାଯାଇଥିଲା। ଗତ ୨୯ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ସୁଦ୍ଧା ୧୩ ଜଣ ପ୍ରାର୍ଥୀ ନିର୍ବାଚନରୁ ଓହରି ଯାଇଛନ୍ତି। ଏବେ ୨୪୩ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ରହିଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ପଷ୍ଟ କରିଛି। ବ୍ରହ୍ମପୁର ବିଧାନସଭା ଆସନ ପାଇଁ ସର୍ବାଧିକ ୧୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବାବେଳେ ଦିଗପହଣ୍ଡି ପାଇଁ ୧୩ ଜଣ, ନର୍ଲା, ଗୁଣୁପୁର ଏବଂ କୋରାପୁଟ ବିଧାନସଭା ଆସନ ପାଇଁ ୧୨ ଜଣ ଲେଖାଏଁ ପ୍ରାର୍ଥୀ ନିଜ ନିଜର ରାଜନୈତିକ ଭାଗ୍ୟ ପରୀକ୍ଷା କରୁଛନ୍ତି। ଜୟପୁର, ଲକ୍ଷ୍ମୀପୁର, ଭବାନୀପାଟଣା ଓ ଧର୍ମଗଡ଼ ବିଧାନସଭା ଆସନ ପାଇଁ ୧୧ ଜଣ ଲେଖାଏଁ

ଛତ୍ରପୁର, ଗୋପାଳପୁର, ରାୟଗଡ଼ା ଓ ପାରଳାଖେମୁଣ୍ଡି ବିଧାନସଭା ଆସନ ପାଇଁ ୧୦ ଜଣ ଲେଖାଏଁ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି।

## ଲେବର ଡେ’

ଆନ୍ତର୍ଜାତିକ ଶ୍ରମିକ ଦିବସ ଆଜି ସମଗ୍ର ବିଶ୍ୱରେ ପାଳନ କରାଯାଉଛି। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ଅଧିକାରର ସୁରକ୍ଷା ଏବଂ ସମାଜ ପ୍ରତି ସେମାନଙ୍କ ଅବଦାନକୁ ମନେ ପକାଇବା ଏହି ଦିବସ ପାଳନର ଲକ୍ଷ୍ୟ। ଆଜିର ଦିନଟିକୁ ‘ମଇ’ ଦିବସ ଭାବେ ସ୍ମରଣ କରାଯାଏ। ଏହି ଅବସରରେ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ କରାଯାଇଛି। ୧୮୮୬ ମସିହା ମେ’ ମାସ ୧ତାରିଖ ଦିନ ଆମେରିକାର ପ୍ରାୟ ୨ ଲକ୍ଷ ଶ୍ରମିକ ସେମାନଙ୍କର କାର୍ଯ୍ୟନିର୍ଘଣ୍ଟ ସମୟ ସ୍ଥିର  କରିବା ଦାବିରେ ପ୍ରଥମେ ଆନ୍ଦୋଳନ କରିଥିଲେ। ସେମାନଙ୍କର ଦାବିକୁ ସମ୍ମାନ ଜଣାଇ ୟୁରୋପର ବିଭିନ୍ନ  ସୋସିଆଲିଷ୍ଟ ଦଳ ଏକତ୍ରୀତ ଭାବେ ମେ’ ମାସ ପହିଲାକୁ ଶ୍ରମିକ ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଭାରତରେ ୧୯୨୩ ମସିହାରୁ ଶ୍ରମିକ ଦିବସ ପାଳିତ ହେଇଆସୁଛି।

## ଡିଫେନ୍ସ ସ୍ମାର୍ଟ

ସୁପରସୋନିକ୍ ମିସାଇଲ-ଆସିଷ୍ଟେଡ୍ ରିଲିଜ୍ ଅଫ୍ ଟର୍ପେଡୋ (ସ୍ମାର୍ଟ) ସିଷ୍ଟମର ଆଜି ସଫଳ ପରୀକ୍ଷଣ ହୋଇଛି। ଓଡ଼ିଶା ଉପକୂଳରେ ଥିବା ଡକ୍ଟର ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଏହି ପରୀକ୍ଷା କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଏହାଦ୍ୱାରା ଭାରତୀୟ ନୌସେନାର

ବୁଡ଼ାଜାହାଜ ବିରୋଧୀ ଯୁଦ୍ଧ କ୍ଷମତା ଅଧିକ ବୃଦ୍ଧି ପାଇବ। ସ୍ମାର୍ଟ ହେଉଛି ପରବର୍ତ୍ତୀ ପିଢ଼ିର କ୍ଷେପଣାସ୍ତ୍ର ଆଧାରିତ ହାଲୁକା ଓଜନ ଟର୍ପିଡୋ ଡେଲିଭରି ସିଷ୍ଟମ ଏବଂ ଏହାକୁ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଦ୍ୱାରା ଡିଜାଇନ୍ ଓ ବିକଶିତ କରାଯାଇଛି।

ସ୍ମାର୍ଟର ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆର୍‌ଡିଓ ଏବଂ ଏଥିରେ ସମ୍ପୃକ୍ତ ସହଯୋଗୀଙ୍କୁ ପ୍ରଶଂସା କରିଛନ୍ତି। ଏହି ବ୍ୟବସ୍ଥାର ବିକାଶ ଭାରତୀୟ ନୌସେନାର ଶକ୍ତିକୁ ଆହୁରି ବଢ଼ାଇବ ବୋଲି ସେ କହିଛନ୍ତି।

## ନ୍ୟୁଦିଲ୍ଲୀ ପୁଲିସ- ସ୍କୁଲ

ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ରହିଥିବା ବିଭିନ୍ନ ସ୍କୁଲକୁ ବୋମା ବିସ୍ଫୋରଣ ନେଇ ମିଳିଥିବା ଧମକ ଅମୂଳକ ବୋଲି ଦିଲ୍ଲୀ ପୁଲିସ କହିଛି। ଏ ନେଇ ଚିନ୍ତାପ୍ରକଟ ନ କରିବାକୁ ପୁଲିସ ପକ୍ଷରୁ ଛାତ୍ରଛାତ୍ରୀ, ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଅଭିଭାବକଙ୍କୁ ପରାମର୍ଶ ଦେଇଛି। ପୁଲିସ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଇ-ମେଲ୍ ମାଧ୍ୟମରେ ବିଭିନ୍ନ ସ୍କୁଲକୁ ଏଭଳି ଧମକ ଦିଆଯାଇଛି। ତେବେ ଏ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ପୁଲିସ କହିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି, ଏହି ଘଟଣାରେ ଦିଲ୍ଲୀ ପୁଲିସ ଏବଂ ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ପରିସ୍ଥିତି ନେଇ ଦିଲ୍ଲୀର ଉପରାଜ୍ୟପାଳ ବିନୟ କୁମାର ସକସେନା ଦିଲ୍ଲୀ ପୁଲିସ କମିଶନରଙ୍କ ସହ ଆଲୋଚନା କରିବା ସହ ତାଙ୍କଠାରୁ ରିପୋର୍ଟ ମାଗିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ

ତୁରନ୍ତ ଗିରଫ କରିବା ସହ ତଦନ୍ତରେ ଯେଭଳି କୌଣସି ଅବହେଳା ନ ଉଠେ, ସେଥିପ୍ରତି ଦୃଷ୍ଟି ଦେବାକୁ ଶ୍ରୀ ସକସେନା ଦିଲ୍ଲୀ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କୁ କ୍ଷମା ଦିଆଯିବ ନାହିଁ ବୋଲି ସେ କହିଛନ୍ତି।

ଦିଲ୍ଲୀ ଶିକ୍ଷା ମନ୍ତ୍ରୀ ଆତିଶି କହିଛନ୍ତି, ଧମକ ପାଇଥିବା ସ୍କୁଲ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କୁ ବାହାରକୁ ଆଣି ପୁଲିସ ପକ୍ଷରୁ  ତଦନ୍ତ କରାଯାଇଛି। ସେ କହିଛନ୍ତି, ସେଭଳି କୌଣସି ସନ୍ଦିଗ୍ଧ  ବିଷୟ ହସ୍ତଗତ ହୋଇନାହିଁ। ତେବେ ଦିଲ୍ଲୀ ସରକାର ଏହାକୁ ଗୁରୁତର ସହ ନେଇଛନ୍ତି ଏବଂ ତଦନ୍ତ ସ୍ଥିତି ନେଇ ପୁଲିସ ସହ ବିଚାର ବିମର୍ଶ ଚାଲିଛି ବୋଲି ମନ୍ତ୍ରୀ ଆତିଶି କହିଛନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀ ଏନ୍.ସି.ଆର ଅଞ୍ଚଳର ସ୍କୁଲଗୁଡ଼ିକୁ ଇ-ମେଲ୍ ମାଧ୍ୟମରେ ଆଜି ସକାଳୁ ଏଭଳି ଧମକ ମିଳିଥିଲା।

## ଏଲ୍‌ପିଜି-ପ୍ରାଇସ୍

ବ୍ୟବସାୟିକ ଗ୍ୟାସ୍ ସିଲିଣ୍ଡର ଗୁଡ଼ିକର ମୂଲ୍ୟ ୧୯ ଟଙ୍କା ହ୍ରାସ ପାଇଛି। ତୈଳ ବିପଣନ କମ୍ପାନୀଗୁଡ଼ିକ ଦ୍ୱାରା ନିଆ ଯାଇଥିବା ଏହି ନିଷ୍ପତ୍ତି ତୁରନ୍ତ କାର୍ଯ୍ୟକାରୀ ହୋଇଛି। ଇଣ୍ଡିଆନ୍ ଅଏଲ୍ ୱେବସାଇଟରୁ ମିଳିଥିବା ସୂଚନା ଅନୁଯାୟୀ, ମୂଲ୍ୟହ୍ରାସ ପରେ ବ୍ୟବସାୟ କ୍ଷେତ୍ରରେ ବ୍ୟବହାର ହେଉଥିବା ୧୯ କିଲୋଗ୍ରାମ ବିଶିଷ୍ଟ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ଦିଲ୍ଲୀ ଠାରେ ୧ ହଜାର ୭୪୫ ଟଙ୍କା ୫୦ ପଇସା ହୋଇଛି। ସେହିଭଳି କୋଲକାତାରେ ଏହାର ମୂଲ୍ୟ ୧ ହଜାର ୮୫୯ଟି ଟଙ୍କା, ମୁମ୍ବାଇରେ ୧ ହଜାର ୬୯୮ ଟଙ୍କା ୫୦ ପଇସା ଏବଂ ଚେନ୍ନାଇରେ ୧ ହଜାର ୯୧୧ ଟଙ୍କା ହୋଇଛି।  ତେବେ ଘରୋଇ କ୍ଷେତ୍ରରେ ତଥା ଅଣସବ୍‌ସିଡି ଯୁକ୍ତ

ଗ୍ୟାସ ସିଲିଣ୍ଡରର ମୂଲ୍ୟ ଅପରିବର୍ତ୍ତିତ ରହିଛି ବୋଲି ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

## ମହାରାଷ୍ଟ୍ର ଫାଉଣ୍ଡେସନ୍ ଡେ'

ମହାରାଷ୍ଟ୍ର ଆଜି ତା'ର ୬୫ ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ମୁମ୍ବାଇର ଶିବାଜୀ ପାର୍କ ଠାରେ ଅନୁଷ୍ଠିତ ସମାରୋହରେ ଯୋଗଦେଇ ରାଜ୍ୟପାଳ ରମେଶ ବୈଶ୍ ମହାରାଷ୍ଟ୍ରବାସୀଙ୍କୁ  ଏକ ନୂତନ ତଥା ବିକାଶନ୍ମୁଖୀ ମହାରାଷ୍ଟ୍ର ଗଠନରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ଏହି ଅବସରରେ ଆୟେଜିତ ପ୍ୟାରେଡ୍‌ରେ ସେ ଅଭିବାଦନ ଗ୍ରହଣ କରିଛନ୍ତି । ମହାରାଷ୍ଟ୍ର ସ୍ୱତନ୍ତ୍ର ରାଜ୍ୟ ଗଠନରେ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ରାଜ୍ୟପାଳ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ କହିଛନ୍ତି, ସାକ୍ଷରତା କ୍ଷେତ୍ରରେ ମହାରାଷ୍ଟ୍ର ଦେଶର ଏକ ଅଗ୍ରଣୀ ରାଜ୍ୟ । ଶିଳ୍ପ ସମୃଦ୍ଧ ଏହି ରାଜ୍ୟରେ ବ୍ୟବସାୟୀ ପୁଞ୍ଜିନିବେଶ କରିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ସେହିଭଳି କୃଷି, ଉତ୍ପାଦନ, ଯୋଗାଯୋଗ ଏବଂ ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ମହାରାଷ୍ଟ୍ରର ମାନ୍ୟତା ସମଗ୍ର ଦେଶରେ ସ୍ୱତନ୍ତ୍ର ରହିଛି ବୋଲି ରାଜ୍ୟପାଳ ଶ୍ରୀ ବୈଶ୍ କହିଛନ୍ତି । ଏହି ଅବସରରେ ସେଠାରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ଜିଏସ୍‌ଟି-ରେଭେନ୍ୟୁ କଲେକସନ୍

ଗତ ମାସରେ ମୋଟ୍ ଦ୍ରବ୍ୟ ଏବଂ ସେବାକର ଆଦାୟ ସର୍ବାଧିକ ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ କହିଛି । ଏହି ମାସରେ ମୋଟ୍ ୨ ଲକ୍ଷ ୧୦ ହଜାର କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଥିବା ମନ୍ତ୍ରଣାଳୟର

ସୂତ୍ରରୁ ଜଣାପଡ଼ିଛି।  ପୂର୍ବ ବର୍ଷ ତୁଳନାରେ ଏହା ୧୨ ଦଶମିକ ୪ ପ୍ରତିଶତ ଅଧିକ ଥିବା ଜଣାପଡ଼ିଛି। ମନ୍ତ୍ରଣାଳୟ କହିଛି, ଘରୋଇ କାରବାର ଏବଂ ଆମଦାନୀ କ୍ଷେତ୍ରରେ ବୃଦ୍ଧି ଯୋଗୁଁ ଜିଏସ୍‌ଟି ପରିମାଣ ବଢ଼ିଛି। ଗତ ଏପ୍ରିଲ ମାସରେ ୪୩ ହଜାର କୋଟି ଟଙ୍କା କେନ୍ଦ୍ରୀୟ ଜିଏସ୍‌ଟି ଏବଂ ୫୩ ହଜାର କୋଟି ଟଙ୍କା ରାଜ୍ୟ ଜିଏସ୍‌ଟି ତଥା ୯୯ ହଜାର କୋଟି ଟଙ୍କା ଆଇ.ଜି.ଏସ୍.ଟି ସହ ୧୩ ହଜାର କୋଟି ଟଙ୍କା ସେସ୍ ବାବଦରେ ଆଦାୟ ହୋଇଛି। ମନ୍ତ୍ରଣାଳୟ ଆହୁରି କହିଛି, କର ବାବଦକ ଅର୍ଥ ଫେରସ୍ତ ପରେ ଜିଏସ୍‌ଟି ବାବଦରେ ଏପ୍ରିଲ ମାସରେ ୧ ଲକ୍ଷ ୯୨ ହଜାର କୋଟି ଟଙ୍କା ମିଳିଛି। ଏହା ଗତ ବର୍ଷ ଏପ୍ରିଲ ମାସ ତୁଳନାରେ ୧୭ ପ୍ରତିଶତ ଅଧିକ ବୋଲି ମନ୍ତ୍ରଣାଳୟ କହିଛି।